# NATIONAL NEWS BULLETIN (ODIA)

**7 July- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବ୍ରିକ୍ସ ଶିଖର ସମ୍ମିଳନୀରେ ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ନିନ୍ଦା କଲେ ସଦସ୍ୟ ରାଷ୍ଟ୍ର

- ବିଦେଶରେ ବଢୁଛି ଭାରତୀୟ ଜ୍ଞାନକୌଶଳରେ ନିର୍ମିତ ପ୍ରତିରକ୍ଷା ଯୁଦ୍ଧାସ୍ତ୍ରର ଚାହିଦା, କହିଲେ ପ୍ରତିରକ୍ଷାମନ୍ତ୍ରୀ

- ଅମରନାଥ ଅଭିମୁଖେ ଆଜି ଷଷ୍ଠ ବ୍ୟାଚ୍‌ରେ ଯାତ୍ରା ଆରମ୍ଭ କଲେ ୮ ହଜାର ୬୦୫ ଜଣ ଶ୍ରଦ୍ଧାଳୁ

- ବ୍ରିକ୍ସର ଆମେରିକା ବିରୋଧୀ ନୀତିକୁ ସମର୍ଥନ କରୁଥିବା ଦେଶଗୁଡ଼ିକ ବିପକ୍ଷରେ ଅତିରିକ୍ତ ଶୁଳ୍କ ଲଗାଇବା ପାଇଁ ଆମେରିକା ରାଷ୍ଟ୍ରପତିଙ୍କ ଚେତାବନି

ଏବଂ

- ଉ୍ୱିମ୍ବିଲ୍‌ଡନ ଟେନିସ୍‌ରେ ଆଜି ଆମେରିକୀୟ ଯୋଡ଼ିଙ୍କ ସହ ମ୍ୟାଚ୍‌ରେ ଅବତୀର୍ଣ୍ଣ ହେବେ ଭାରତର ଯୁକି ଭାମ୍ବ୍ରି

## ପିଏମ୍-ବ୍ରିକ୍ସ

ସପ୍ତଦଶ ବ୍ରିକ୍ସ ଶିଖର ସମ୍ମିଳନୀରେ ଗ୍ଲୋବାଲ୍ ସାଉଥ୍‌ର ଅନେକଗୁଡ଼ିଏ ଆବଶ୍ୟକତାକୁ ଘୋଷଣାନାମାରେ ସ୍ଥାନୀତ କରାଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ରିଓ ଡି ଜେନେରିଓଠାରେ ବ୍ରିକ୍ସ

ଶିଖର ସମ୍ମିଳନୀର ପ୍ରଥମଦିନର ବୈଠକ ଶେଷ ହେବା ପରେ ବୈଦେଶିକ ମନ୍ତ୍ରଣାଳୟର ଅର୍ଥନୈତିକ ସଚିବ ଦାମୀ ରବି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୈଶ୍ୱିକ ପ୍ରତିଷ୍ଠାନଗୁଡ଼ିକରେ ପରିବର୍ତ୍ତନ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ସେ କହିଛନ୍ତି, ଏକବିଂଶ ଶତାବ୍ଦୀର ଆହ୍ୱାନଗୁଡ଼ିକର ମୁକାବିଲା କରିବା ଲାଗି ବିଂଶ ଶତାବ୍ଦୀର ସଂଗଠନଗୁଡ଼ିକର ସକ୍ଷମତା ପର୍ଯ୍ୟାପ୍ତ ନୁହେଁ । ସମାବେଶୀ ବିଶ୍ୱ ବିକାଶକୁ ଦୃଷ୍ଟିରେ ରଖି ବହୁମୁଖୀ ଯୋଜନାର ଆବଶ୍ୟକତା ଉପରେ ଶ୍ରୀ ମୋଦୀ ଜୋର ଦେଇଛନ୍ତି । ଏକ ସ୍ୱତନ୍ତ୍ର ଅଧିବେଶନରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଜାତିସଂଘ ସୁରକ୍ଷା ପରିଷଦ, ଆନ୍ତର୍ଜାତିକ ମୁଦ୍ରାପାଣ୍ଠି, ବିଶ୍ୱବ୍ୟାଙ୍କ ଏବଂ ବିଶ୍ୱ ବାଣିଜ୍ୟ ସଂଗଠନ ଭଳି ପ୍ରତିଷ୍ଠାନଗୁଡ଼ିକରେ ପରିବର୍ତ୍ତନ ନିତାନ୍ତ ଆବଶ୍ୟକ । ଆଗାମୀ ଦିନର ଆବଶ୍ୟକତା ଏବଂ ବାସ୍ତବତାକୁ ଦୃଷ୍ଟିରେ ରଖି ପାରମ୍ପରିକ ନୀତିରେ ଉନ୍ନତି ଆଣିବା ଲାଗି ଶ୍ରୀ ମୋଦୀ କହିଛନ୍ତି ।

ସଚିବ ଦାମୀ ରବି କହିଛନ୍ତି, ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରମାନେ ଦୃଢ଼ ଭାବେ ନିନ୍ଦା କରିଛନ୍ତି । ଏହି ବାର୍ତ୍ତା ଭାରତର ପଡ଼ୋଶୀମାନଙ୍କୁ ଆତଙ୍କବାଦ ନିରୋଧୀ ପଦକ୍ଷେପ ସଂପର୍କରେ ସଚେତନ କରାଉଛି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ବ୍ରିକ୍ସ ପକ୍ଷରୁ ବିଜ୍ଞାନ ଏବଂ ଗବେଷଣା ସଂଗ୍ରହାଳୟ ପ୍ରତିଷ୍ଠା ଲାଗି ଆହ୍ୱାନ ଦେଇଥିବା ଅର୍ଥନୈତିକ ସଚିବ କହିଛନ୍ତି ।

ବ୍ରିକ୍ସ ସମ୍ମିଳନୀ କାଳରେ ପ୍ରଧାନମନ୍ତ୍ରୀ ସଦସ୍ୟ ରାଷ୍ଟ୍ର, ଅଂଶୀଦାର ଏବଂ ଅନ୍ୟ ନିମନ୍ତ୍ରିତ ବ୍ୟକ୍ତିଙ୍କ ସହ ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି । ଆଲୋଚନାର

ବିଷୟବସ୍ତୁ ଥିଲା "ବହୁପାକ୍ଷିକତା, ଅର୍ଥନୈତିକ ଆର୍ଥିକ ବ୍ୟାପାର ଏବଂ କୃତ୍ରିମ ବୁଦ୍ଧିମତ୍ତା ସୁଦୃଢ଼ୀକରଣ" । ଆଲୋଚନାରେ ଅଂଶଗ୍ରହଣ କରି ଶ୍ରୀ ମୋଦି କହିଛନ୍ତି, ବିଶ୍ୱସ୍ତରୀୟ ସହଯୋଗ କ୍ଷେତ୍ରରେ ବ୍ରିକ୍ସ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ଶ୍ରୀ ମୋଦି ଆବଶ୍ୟକତା ଅନୁଯାୟୀ ପ୍ରକଳ୍ପଗୁଡ଼ିକ ଚୟନ କରିବା ଏବଂ ଦୀର୍ଘ ସମୟ ଲାଗି ଯେଭଳି ଆର୍ଥିକ ସ୍ଥିରତା ଦୃଢ଼ ରଖାଯାଇପାରିବ, ତାହା ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରଧାନମନ୍ତ୍ରୀ କୃଷି-ଜୈବ ପ୍ରଯୁକ୍ତିବିଦ୍ୟା, ଡିଜିଟାଲ୍ ଶିକ୍ଷା କ୍ଷେତ୍ରରେ ଭାରତର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ଏ ସଂପର୍କରେ ଏକ ରିପୋର୍ଟ : **V/O**

---

## ରାଜନାଥ-ଡିଫେନ୍ସ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଛନ୍ତି ନିକଟରେ ଅପରେସନ ସିନ୍ଦୂର ସମୟରେ ଘରୋଇ ପ୍ରତିରକ୍ଷା ଅସ୍ତ୍ରଶସ୍ତ୍ରର ସଫଳତା ଦେଶର ନିଜସ୍ୱ ଜ୍ଞାନକୌଶଳରେ ନିର୍ମିତ ପ୍ରତିରକ୍ଷା ଯୁଦ୍ଧାସ୍ତ୍ର ପ୍ରତି ବିଦେଶରେ ଚାହିଦା ବୃଦ୍ଧି କରିଛି । ନୂଆଦିଲ୍ଲୀଠାରେ ଆୟୋଜିତ କଣ୍ଟ୍ରୋଲର୍ସ କନ୍‌ଫରେନ୍ସରେ ଯୋଗଦେଇ ପ୍ରତିରକ୍ଷାମନ୍ତ୍ରୀ ଶ୍ରୀ ସିଂ ଭାରତର ପ୍ରତିରକ୍ଷା ଶିଳ୍ପରେ ଥିବା ବିପୁଳ ସମ୍ଭାବନା ସଂପର୍କରେ ଆଲୋକପାତ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭର ହୋଇପାରିଥିବା ଶ୍ରୀ ସିଂହ କହିଛନ୍ତି । ପୂର୍ବରୁ ଅଧିକାଂଶ ପ୍ରତିରକ୍ଷା ସାମଗ୍ରୀ ବିଦେଶରୁ ଆମଦାନୀ କରାଯାଉଥିଲାବେଳେ ଏବେ ତାହା ଦେଶରେ ନିର୍ମାଣ କରାଯାଉଛି :

**V/O(Rajnath)**

ପ୍ରତିରକ୍ଷାମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି, ଏବେ ପ୍ରତିରକ୍ଷା ଅର୍ଥନୀତିରେ ନୂତନ ଜ୍ଞାନକୌଶଳ ସଂପର୍କିତ ପୁଞ୍ଜି ନିବେଶ ବ୍ୟାପକ ଭାବେ ବୃଦ୍ଧି ପାଉଛି । ଶ୍ରୀ ସିଂ କହିଛନ୍ତି ଆଜି ଆମେରିକା, ୟୁରୋପୀୟ ସଂଘ ସମେତ ପ୍ରମୁଖ ରାଷ୍ଟ୍ରଗୁଡ଼ିକ ସେମାନଙ୍କର ପ୍ରତିରକ୍ଷା ଖର୍ଚ୍ଚକୁ ଅଧିକ କରିଛନ୍ତି ।

ଆଜି ସାରା ବିଶ୍ୱ ନୂତନ ପ୍ରତିରକ୍ଷା ଜ୍ଞାନକୌଶଳରେ ସଜ୍ଜିତ ହେଉଥିଲାବେଳେ ଭାରତର ପ୍ରତିରକ୍ଷା ବଜେଟ୍‌କୁ ବୃଦ୍ଧି କରାଯାଇଛି ।

ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି, ନିକଟରେ ସରକାର ଗବେଷଣା, ବିକାଶ ଓ ନବସୃଜନ-ଆର୍‌ଡିଆଇ ଯୋଜନାକୁ ଅନୁମୋଦନ କରିଛନ୍ତି। ଏଥିପାଇଁ ୧ ଲକ୍ଷ କୋଟି ଟଙ୍କାର ଏକ ପାଣ୍ଠି ସୃଷ୍ଟି କରାଯାଇଛି । ଏହି ପାଣ୍ଠି ପ୍ରତିରକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ନୂତନ ଜ୍ଞାନକୌଶଳ ସମ୍ବଳିତ ପ୍ରକଳ୍ପଗୁଡ଼ିକୁ ସହାୟତା ପ୍ରଦାନ କରିବ ।

---

## ଅମରନାଥ ଯାତ୍ରା

ଅମରନାଥ ଯାତ୍ରା ନିମନ୍ତେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଷଷ୍ଠ ବ୍ୟାଚ୍‌ରେ ୮ ହଜାର ୬୦୫ ଜଣ ଶ୍ରଦ୍ଧାଳୁ ଜମ୍ମୁରୁ ଯାତ୍ରା ଆରମ୍ଭ କରିଛନ୍ତି । ସେହିସବୁ ତୀର୍ଥଯାତ୍ରୀ ଭଗବତୀ ନଗର ଯାତ୍ରୀନିବାସ ମୂଳ ଶିବରରୁ କାଶ୍ମୀର ଉପତ୍ୟକାକୁ ଯାତ୍ରା କରିଛନ୍ତି । ଆଜି ସକାଳେ ତୀର୍ଥଯାତ୍ରୀମାନେ ୩୭୨ଟି ଗାଡ଼ିରେ ଯାଇଛନ୍ତି । ସେମାନଙ୍କ ମଧ୍ୟରେ ୬ ହଜାର ୪୮୬ ଜଣ ପୁରୁଷ, ୧ ହଜାର ୮୨୬ ଜଣ ମହିଳା, ୪୨ ଜଣ ଶିଶୁ, ୨୧୬ ଜଣ ସାଧୁ ଓ ୩୫ ଜଣ ସାଧ୍ୱୀ ଅଛନ୍ତି । ସେମାନଙ୍କ ମଧ୍ୟରୁ ୩ ହଜାର ୪୮୬ ଜଣ ଶ୍ରଦ୍ଧାଳୁ ବାଲ୍‌ତାଲ୍ ମୂଳ ଶିବିରରୁ ଯାତ୍ରା ଆରମ୍ଭ କରିଥିବାବେଳେ ୫ ହଜାର ୧୧୯ ଜଣା ପହଲଗାମ ମୂଳ ଶିବିରରୁ ଯାତ୍ରା ଆରମ୍ଭ କରିଥିବା ଜଣାପଡ଼ିଛି ।

---

# ଟ୍ରମ୍ପ- ବ୍ରିକ୍ସ ଟାରିଫ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବ୍ରିକ୍ସର ଆମେରିକା ବିରୋଧୀ ନୀତିକୁ ସମର୍ଥନ କରୁଥିବା ଦେଶଗୁଡ଼ିକ ବିପକ୍ଷରେ ଅତିରିକ୍ତ ୧୦ ପ୍ରତିଶତ ଶୁଳ୍କ ଲଗାଇବା ପାଇଁ ଚେତାବନୀ ଦେଇଛନ୍ତି । ସାମାଜିକ ଗଣମାଧ୍ୟମରେ ସେ କହିଛନ୍ତି, ଏହି କାର୍ଯ୍ୟାନୁଷ୍ଠାନରେ କୌଣସି କୋହଳତା ପ୍ରଦର୍ଶନ କରାଯିବ ନାହିଁ । ବ୍ରିକ୍ସ ରାଷ୍ଟ୍ର ବ୍ରାଜିଲ, ଚୀନ୍, ଦକ୍ଷିଣ ଆଫ୍ରିକା ଓ ଭାରତ ଆମେରିକା ପକ୍ଷରୁ ନିକଟରେ ଲାଗୁ କରାଯାଇଥିବା ଶୁଳ୍କ ନୀତିକୁ ବିରୋଧ କରାଯିବା ପରିପ୍ରେକ୍ଷୀରେ ଟ୍ରମ୍ପ ଏହି ଚେତାବନୀ ଦେଇଛନ୍ତି ।

ବ୍ରାଜିଲରେ ବ୍ରିକ୍ସ ବୈଠକରେ ଇରାନ ଉପରେ ଇସ୍ରାଏଲ୍ ଓ ଆମେରିକା ଆକ୍ରମଣର ମଧ୍ୟ ନିନ୍ଦା କରାଯାଇଛି । ଇତିମଧ୍ୟରେ ଆମେରିକା ପକ୍ଷରୁ ବିଭିନ୍ନ ଦେଶ ଉପରେ ଅତିରିକ୍ତ ଶୁଳ୍କ ଲାଗୁ କରାଯିବା ନେଇ ଆଜିଠାରୁ ପଦକ୍ଷେପ ନିଆଯିବା ସହିତ ବିଭିନ୍ନ ଦେଶଗୁଡ଼ିକୁ  ଶୁଳ୍କ ଲେଟର ପଠାଯାଇଛି । ପୂର୍ବରୁ ବିଭିନ୍ନ ଦେଶଗୁଡ଼ିକ ଉପରେ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଲାଗୁ କରାଯିବାକୁ ଥିବା ଶୁଳ୍କ ନୀତିକୁ ୯୦ ଦିନ ପାଇଁ ବନ୍ଦ ରଖାଯାଇଥିଲା । ଏହି ୯୦ ଦିନ ସମୟ ସୀମା ଆଜି ଶେଷ ହେଉଛି ।

---

# ଏସ୍‌ସି- ବିହାର

ବିହାରରେ ଭୋଟର ତାଲିକାରେ ସ୍ୱତନ୍ତ୍ର ବିସ୍ତୃତ ସଂଶୋଧନ ପାଇଁ ନିର୍ବାଚନ କମିଶନଙ୍କ ନିଷ୍ପତ୍ତିକୁ  ବିରୋଧ କରି ହୋଇଥିବା ଆବେଦନ ଉପରେ ଶୁଣାଣି କରିବା ପାଇଁ ସୁପ୍ରିମକୋର୍ଟ ରାଜି ହୋଇଛନ୍ତି । ଆସନ୍ତା ଗୁରୁବାର ଦିନ ବିଚାରପତି ଜଷ୍ଟିସ୍ ସୁଧାଂଶୁ ଧୂଳିଆ ଓ ଜୟମାଲ୍ୟା ବାଗ୍‌ଚୀଙ୍କ ଖଣ୍ଡପୀଠ ଏହାର

ଶୁଣାଣି କରିବେ । ବିହାରରେ ଆଗାମୀ ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ ଯେଉଁଭଳି ଭାବରେ ଭୋଟର ତାଲିକା ସଂଶୋଧନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି, ତାହା ବିରୁଦ୍ଧରେ ସୁପ୍ରିମକୋର୍ଟରେ ଅନେକ ଗୁଡ଼ିଏ ମାମଲା ଦାୟର କରାଯାଇଛି ।

## ରାଜନାଥ- ବିକ୍ରମ ବାତ୍ରା

୧୯୯୯ କାର୍ଗିଲ୍ ଯୁଦ୍ଧରେ ଦେଶ ପାଇଁ ପ୍ରାଣବଳି ଦେଇଥିବା ଭାରତୀୟ ସେନାବାହିନୀର କ୍ୟାପ୍ଟେନ୍ ବିକ୍ରମ ବାତ୍ରାଙ୍କ ଶ୍ରାଦ୍ଧବାର୍ଷିକୀରେ ଦେଶ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଶହୀଦ କ୍ୟାପ୍ଟେନ୍ ବିକ୍ରମ ବାତ୍ରାଙ୍କ ସ୍ମୃତିଚାରଣ କରି ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଦେଶସେବାରେ ସ୍ୱର୍ଗତ ବ ାତ୍ରା ଯେଉଁ ଅପୂର୍ବ ସାହସ ପ୍ରଦର୍ଶନ କରିଛନ୍ତି, ତାହା ସ୍ମରଣୀୟ ହୋଇ ରହିବ ।

୧୯୯୯ କାର୍ଗିଲ୍ ଯୁଦ୍ଧ ସମୟରେ କ୍ୟାପ୍ଟେନ୍ ବିକ୍ରମ ବାତ୍ରା ତାଙ୍କ କମ୍ପାନୀର ନେତୃତ୍ୱ ନେଇ କାର୍ଗିଲ୍ ପର୍ବତର ପଏଣ୍ଟ ୫ ହଜାର ୧୪୦ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରୁ ଶତ୍ରୁ ପକ୍ଷର ୪ ଜଣ ଯବାନଙ୍କୁ ନିପାତ କରିଥିଲେ । ପଏଣ୍ଟ ୪ ହଜାର ୮୭୫ରେ ସେ ମଧ୍ୟ ଅପୂର୍ବ ସାହସ ଦେଖାଇ ଦେଶ ପାଇଁ ସଫଳତା ହାସଲ କରିଥିଲେ । ଏହି ପଏଣ୍ଟରୁ ସେ ଗୁରୁତର ଭାବେ ଆହତ ହେଲା ପରେ ମଧ୍ୟ ଶତ୍ରୁପକ୍ଷର ୫ ଜଣ ଯବାନଙ୍କୁ ମାରିଦେଇଥିଲେ । କ୍ୟାପ୍ଟେନ ବାତ୍ରାଙ୍କୁ ମରଣୋତ୍ତର ଭାବେ ପରମବୀର ଚକ୍ର ପ୍ରଦାନ କରାଯାଇଥିଲା ।

## ନାଗାଲ୍ୟାଣ୍ଡ ରେନ୍ସ

ନାଗାଲ୍ୟାଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଧନଜୀବନ ବ୍ୟାହତ ହୋଇଛି । ବର୍ଷା ଯୋଗୁଁ ଅତିକମ୍‌ରେ ୩ ଜଣ ଲୋକଙ୍କର ବିଦ୍ୟୁତ୍

ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି । ଗତକାଲି ଦିମାପୁରସ୍ଥିତ କୁଡ଼ା ଗ୍ରାମର ୨ ଜଣ ଏବଂ ପୋଲିସ୍ କଲୋନୀର ଜଣେ ମହିଳା ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବାହିନୀ ପକ୍ଷରୁ ଲୋକମାନଙ୍କୁ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତରିତ କରାଯାଇଛି । ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ନାଗାଲ୍ୟାଣ୍ଡରେ ସ୍ୱାଭାବିକଠାରୁ ୩୯୩ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି । ରାଜ୍ୟର ବିଭିନ୍ନ ସ୍ଥାନରେ ଭୂସ୍ଖଳନ ସହିତ ବର୍ଷାପାଣି ଜମି ରହିବା ଫଳରେ ଲୋକମାନେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ୨୯ ନମ୍ବର ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ମାଟି ଧସିପଡ଼ିଥିବାରୁ ଯାନବାହାନ ଚଳାଚଳ ବ୍ୟାହତ ହୋଇଛି । ଖରାପ ପାଣିପାଗ ଯୋଗୁଁ ଦିମାପୁର ବିମାନ ବନ୍ଦରରେ ଗତକାଲି ବିମାନ ଚଳାଚଳ ବନ୍ଦ ରହିଥିଲା ।

ହିମାଚଳପ୍ରଦେଶର ବିଭିନ୍ନ ସ୍ଥାନରେ ଗତ ୨ ଦିନ ହେଲା ଜାରି ରହିଥିବା ବର୍ଷା ଆଜି ସକାଳେ ବନ୍ଦ ହୋଇଛି । ରାଜ୍ୟର ଅଧିକାଂଶ ସ୍ଥାନରେ ପାଣି ଜମି ରହିଛି। ରାଜ୍ୟରେ ମୌସୁମୀ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଗତମାସ ୩୦ ତାରିଖରେ ବିଭିନ୍ନ ସ୍ଥାନରେ ୧୨ଟି ବାଦଲଫଟା ବର୍ଷା ଯୋଗୁଁ ୧୪ ଜଣଙ୍କର ମୃତ୍ୟୁ ହେବା ସହିତ ୩୧ ଜଣ ନିଖୋଜ ଅଛନ୍ତି । ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆରଏଫ୍ ଏବଂ ସ୍ଥାନୀୟ ପ୍ରଶାସନ ପକ୍ଷରୁ ପ୍ରଭାବିତ ଲୋକମାନଙ୍କୁ ରିଲିଫ୍ ପ୍ରଦାନ କରାଯାଉଛି। ତେବେ ଆଜି ପାଇଁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ।

---

## ୱିମ୍ବିଲ୍‌ଡନ

ୱିମ୍ବଲଡନ୍ ଟେନିସ୍‌ରେ ଭାରତର ୟୁକି ଭାମ୍ବ୍ରି ଆମେରିକୀୟ ଯୋଡ଼ି ରବର୍ଟ ଗାଲ୍‌ୱେ ଆଜି ପୁରୁଷ ଡବଲ୍‌ସ ତୃତୀୟ ପର୍ଯ୍ୟାୟରେ ଅବତୀର୍ଣ୍ଣ ହେବେ । ଏହି ପ୍ରତିଯୋଗିତାରେ ଭାରତର ଏକମାତ୍ର ଖେଳାଳି ଭାବେ ଭାମ୍ବ୍ରି ଖେଳ ଜାରି ରଖିଛନ୍ତି । ପୂର୍ବବର୍ଷର ପୁରୁଷ ସିଙ୍ଗିଲ୍‌ସ ୱିମ୍ବିଲ୍‌ଡନ ଚମ୍ପିୟାନ୍ କାର୍ଲୋସ୍ ଆଲ୍‌କାରାଜ  କ୍ୱାର୍ଟର ଫାଇନାଲ୍‌ରେ ପହଞ୍ଚିଛନ୍ତି। ଏକନମ୍ବର ସିଡେଡ୍ ମହିଳା ତାରକା ଖେଳାଳି ଆରିନା ସାବାଲେଙ୍କା ମଧ୍ୟ କ୍ୱାର୍ଟର୍ ଫାଇନାଲ୍‌ରେ ପହଞ୍ଚିଛନ୍ତି ।